# NATIONAL NEWS BULLETIN (ODIA)

**13 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେଉଛି ହର୍ ଘର୍ ତିରଙ୍ଗା ଅଭିଯାନ ।

- କୋଲକାତାରେ ପ୍ରଶିକ୍ଷାର୍ଥୀ ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ବିରୋଧ କରି ଜୁନିୟର ଡାକ୍ତରମାନଙ୍କ ଆନ୍ଦୋଳନ ଜାରି ।

- ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କିତ ଭିଡ଼ିଓ ପ୍ରଦର୍ଶନ ସମୟରେ ସମୟ ଦର୍ଶାଇବା ପାଇଁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ନିର୍ଦ୍ଦେଶ ।

- ମତ୍ସ୍ୟଜୀବୀମାନଙ୍କ ସୁରକ୍ଷା ନିମନ୍ତେ ୧ ଲକ୍ଷ ମାଛଧରା ସାମୁଦ୍ରିକ ଜାହାଜରେ ଲାଗିବ ଟ୍ରାନ୍ସପଣ୍ଡର ।

ଏବଂ

- ନିଯୁକ୍ତି ପାଇବାର ମାତ୍ର ୧୧ ଦିନ ପରେ ନିଜ ପଦବୀରୁ ଇସ୍ତଫା ଦେଲେ ଇରାନ୍ ଉପରାଷ୍ଟ୍ରପତି ।

---

# ଭିପି/ନାଗପୁର-ହର୍ ଘର୍ ତିରଙ୍ଗା

୭୮ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଗତ ୯ ତାରିଖରୁ ସାରା ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ହର୍ ଘର୍ ତିରଙ୍ଗା' ଅଭିଯାନ ଆରମ୍ଭ ହୋଇଛି । ଲୋକମାନେ ଆନନ୍ଦ ଉଲ୍ଲାସର ସହିତ ନିଜ ଘରେ ଜାତୀୟ ପତାକା ଉଡାଇବା ସହ ଅନ୍ୟମାନଙ୍କୁ ଜାତୀୟ ପତାକା ମଧ୍ୟ ବଣ୍ଟନ କରୁଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଆଜି ସକାଳେ ହର୍ ଘର୍ ତିରଙ୍ଗା ଅଭିଯାନ ଅନ୍ତର୍ଗତ ଏକ ବାଇକ୍ ର୍ୟାଲିକୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ରାମମୋହନ ନାଇଡୁ କିଞ୍ଜାରାପୁ, କିରନ ରିଜିଜୁ ଏବଂ ମନସୁଖ ମାଣ୍ଡବୀୟ ଉପସ୍ଥିତ ଥିଲେ । ଏହି ବାଇକ୍ ର୍ୟାଲି ଧ୍ୟାନଚାନ୍ଦ ନ୍ୟାସନାଲ ଷ୍ଟାଡିୟମରେ ଶେଷ ହୋଇଥିଲା । ଏଥିନିମନ୍ତେ ଆୟୋଜିତ ଏକ ସଭାରେ ଉଦ୍‌ବୋଧନ ଦେଇ ଉପରାଷ୍ଟ୍ରପତି ଶ୍ରୀ ଧନଖଡ କହିଛନ୍ତି ଅମୃତ ମହୋତ୍ସବର ଅଂଶସ୍ୱରୂପ ହର୍ ଘର୍ ତିରଙ୍ଗା ଅଭିଯାନର ଉଦ୍ଦେଶ୍ୟ ହେଉଛି ସାରା ଦେଶରେ ପ୍ରତ୍ୟେକଟି ଘରେ ଜାତୀୟ ପତାକା ଉତ୍ତୋଳନ କରିବା । ସେ କହିଛନ୍ତି ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି, ଯେଉଁଥିରେ କୋଟି କୋଟି ନାଗରିକ ସେମାନଙ୍କ ଘରେ ଜାତୀୟ ପତାକା ଗର୍ବ ଓ ଗୌରବର ସହ ଉଡାଉଛନ୍ତି । ସେ କହିଛନ୍ତି ହର୍ ଘର୍ ତିରଙ୍ଗା ଅଭିଯାନ ଦେଶର ସ୍ୱତନ୍ତ୍ରତା, ଗୌରବ ଏବଂ ବିକଶିତ ଭାରତ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଉଛି । କେନ୍ଦ୍ର ସଂସ୍କୃତି

ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି ତ୍ରିରଙ୍ଗା ଆମ ଦେଶର ଗର୍ବ, ଯାହା ସମସ୍ତ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧିରଖିଛି ।

ଏହିକ୍ରମରେ ନାଗପୁର ନଗର ନିଗମ ଗତ ୯ ତାରିଖରୁ ହର୍ ଘର୍ ତିରଙ୍ଗା ଅଭିଯାନ ପାଳନ କରୁଛି । ଆଜି ଏହି ଅବସରରେ ତିରଙ୍ଗା ମାରାଥନ୍ ଆୟୋଜିତ ହୋଇଥିଲା । ବହୁସଂଖ୍ୟାରେ ଲୋକମାନେ ଏହି ମାରାଥନ୍‌ରେ ଭାଗ ନେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ନାଗପୁର ନଗର ନିଗମର ସହାୟକ ଆୟୁକ୍ତ ପ୍ରକାଶ ବରହାଡେ ପତାକା ଦେଖାଇ ଏହି ମାରାଥନ୍‌ର ଶୁଭାରମ୍ଭ କରିଥିଲେ ।

ଅନ୍ୟପକ୍ଷରେ ଆଜି ସଂଧ୍ୟାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଅହମ୍ମଦାବାଦରେ ତ୍ରିରଙ୍ଗା ଯାତ୍ରାର ଶୁଭାରମ୍ଭ କରିବେ । ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଏହି ଯାତ୍ରାରେ ସାମିଲ ହେବେ । ଅହମ୍ମଦାବାଦ ନଗର ନିଗମ ପକ୍ଷରୁ ଆୟୋଜିତ ଏହି ତ୍ରିରଙ୍ଗା ଯାତ୍ରା ହର୍ ଘର୍ ତିରଙ୍ଗା ଅଭିଯାନର ଏକ ଅଂଶବିଶେଷ । ଦେଶର ଲୋକମାନଙ୍କ ମଧ୍ୟରେ ଏକତା ଏବଂ ଜାତୀୟ ଗୌରବ ପ୍ରଦର୍ଶନର ଏକ ମାଧ୍ୟମ ହେଉଛି ହର୍ ଘର୍ ତିରଙ୍ଗା ।

## ଝାଡ଼ଖଣ୍ଡ-ଡକ୍ଟର ପ୍ରୋଟେଷ୍ଟ

କୋଲକାତାର ଆର୍.ଜି. ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଜଣେ ପ୍ରଶିକ୍ଷାର୍ଥୀ ଡାକ୍ତରଙ୍କ ସହ ଦୁଷ୍କର୍ମ ଓ ହତ୍ୟାକୁ ବିରୋଧ କରି ଝାଡ଼ଖଣ୍ଡରେ ଡାକ୍ତରମାନେ ଧର୍ମଘଟ କରିଛନ୍ତି । ଏଥିରେ ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନେନ୍ସ, ରାଞ୍ଚିର ଜୁନିୟର ଡାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ

ପାଇଁ ଧର୍ମଘଟରେ ବସିଛନ୍ତି । ଜରୁରୀକାଳୀନ ରୋଗୀସେବାକୁ ବାଦ୍‌ଦେଲେ ସାଧାରଣ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଛି । ଆନ୍ଦୋଳନକାରୀ ଡାକ୍ତରମାନେ ଘଟଣାର ସିବିଆଇ ତଦନ୍ତ ଏବଂ କାର୍ଯ୍ୟସ୍ଥଳୀରେ ଡାକ୍ତରମାନଙ୍କ ସୁରକ୍ଷା ନିମନ୍ତେ ବ୍ୟବସ୍ଥା ଲାଗି ଦାବି କରୁଛନ୍ତି । ଜୁନିୟର ଡାକ୍ତର ସଂଘ ପକ୍ଷରୁ ସଂଘର ଅଧ୍ୟକ୍ଷ ଅଙ୍କିତ କୁମାର କହିଛନ୍ତି ଯେପର୍ଯ୍ୟନ୍ତ ନ୍ୟାୟ ନମିଳିଛି ଓ ସେମାନଙ୍କ ଦାବି ପୂରଣ ନହୋଇଛି ସେପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ । ଅନ୍ୟପକ୍ଷରେ ଭାରତୀୟ ମେଡ଼ିକାଲ ସଂଘର ସଚିବ ପ୍ରଦୀପ କୁମାର ସିଂ କହିଛନ୍ତି ଦାବି ପୂରଣ ନହେଲେ ଆଗାମୀ ଦିନରେ ଜୁନିୟର ଡାକ୍ତରଙ୍କ ସହିତ ଅନ୍ୟମାନେ ମଧ୍ୟ ଧର୍ମଘଟରେ ସାମିଲ ହେବେ ।

ମହାରାଷ୍ଟ୍ରରେ ମଧ୍ୟ ବିଭିନ୍ନ ଡାକ୍ତରଖାନା ଗୁଡ଼ିକରେ ରେସିଡେଣ୍ଟ ଡାକ୍ତରମାନେ ଧର୍ମଘଟରେ ସାମିଲ ହୋଇଛନ୍ତି । କୋଲକାତାରେ ଘଟିଥିବା ଘଟଣା ପରେ ରେସିଡେଣ୍ଟ ଡାକ୍ତର ମହାସଂଘର ଡାକରାରେ ଦେଶର ପ୍ରମୁଖ ହସ୍ପିଟାଲ ଗୁଡ଼ିକର ଡାକ୍ତରମାନେ ଧର୍ମଘଟରେ ଯୋଗ ଦେଇଛନ୍ତି । ସୂଚନା ଅନୁଯାୟୀ କେତେକ କ୍ଷେତ୍ରରେ ଅନ୍ୟ କର୍ମଚାରୀ ଏବଂ ଡାକ୍ତରୀ ଶିକ୍ଷକଙ୍କ ଦ୍ୱାରା ରୋଗୀ ସେବା ଯୋଗାଇ ଦିଆଯାଉଥିବାବେଳେ ନାହିଁନଥିବା ଅସୁବିଧା ସୃଷ୍ଟି ହୋଇଛି ।

## ଆଇଆଣ୍ଡବି ଆଡ୍‌ଭାଇଜରୀ

ଘରୋଇ ଟିଭି ଚ୍ୟାନେଲ ଗୁଡ଼ିକ ଅନେକ ସମୟରେ ପୁରୁଣା ଦିନର ପ୍ରାକୃତିକ ବିପର୍ଯ୍ୟୟର ଭିଡ଼ିଓ ପ୍ରସାରଣ କରିବା ଫଳରେ ସାଧାରଣରେ

ଭୟ ଓ ଆଶଙ୍କା ସୃଷ୍ଟି ହେଉଛି । ଏହାକୁ ଦୂର କରିବା ଲାଗି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସମସ୍ତ ଘରୋଇ ସାଟେଲାଇଟ୍ ଟିଭି ଚ୍ୟାନେଲ ଗୁଡ଼ିକୁ ନିର୍ଦ୍ଦେଶାବଳୀ ଜାରି କରିଛି । ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ ଏଣିକି ସେମାନେ ଦେଖାଉଥିବା ଭିଡ଼ିଓ ଗୁଡ଼ିକରେ ଟାଇମ୍ ଷ୍ଟାମ୍ପ ରହିବ । ଅର୍ଥାତ୍ ଭିଡ଼ିଓଟି ଯେଉଁ ଦିନ ଓ ସମୟରେ ରେକର୍ଡ କରାଯାଇଥିବ ସେହି ତାରିଖ ଓ ସମୟ ଭିଡ଼ିଓରେ ପ୍ରଦର୍ଶିତ ହେବ । ନିର୍ଦ୍ଦେଶାବଳୀରେ ମନ୍ତ୍ରଣାଳୟ କହିଛି କୌଣସି ପ୍ରକାରର ବିପର୍ଯ୍ୟୟ କିମ୍ବା ପ୍ରାକୃତିକ ଘଟଣା ଘଟିବା କ୍ଷେତ୍ରରେ ଘରୋଇ ଟିଭିଚ୍ୟାନେଲ ଗୁଡ଼ିକ କ୍ରମାଗତ ଭାବେ ଭିଡ଼ିଓ ଦେଖାଉଛନ୍ତି । ତେବେ ସେହି ଭିଡ଼ିଓଗୁଡ଼ିକୁ ପୁର୍ନବାର ପ୍ରଦର୍ଶନ କରିବା ଫଳରେ ଲୋକମାନଙ୍କ ମନରେ ଦ୍ୱନ୍ଦ୍ୱ ଓ ଭୟ ସୃଷ୍ଟି ହେଉଛି । ଏହି ନିର୍ଦ୍ଦେଶକୁ କଡାକଡି ଭାବେ ପାଳନ କରିବା ଲାଗି ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆ-ଅଷ୍ଟ୍ରେଲିଆ ମେରିଟାଇମ୍

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଷଷ୍ଠ ସାମୁଦ୍ରିକ ସୁରକ୍ଷା ବାର୍ତ୍ତାଳାପ ଆଜି କାନ୍‌ବେରାରେ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ନିରସ୍ତ୍ରୀକରଣ ଏବଂ ଆନ୍ତର୍ଜାତୀୟ ସୁରକ୍ଷା ବ୍ୟାପାର ଯୁଗ୍ମ ସଚିବ ମୁଆନ୍‌ପୁଇ ସାଇଆୱି ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ । ଦକ୍ଷିଣ ଏସିଆ ଏବଂ ମଧ୍ୟ ଏସିଆ ଡିଭିଜନର ପ୍ରଥମ ସହକାରୀ ସଚିବ ସାରାଟୋରେ ଅଷ୍ଟ୍ରେଲିଆ ପ୍ରତିନିଧି ଦଳର ନେତୃତ୍ୱ ନେଇ ଏହି ଆଲୋଚନାରେ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଦୁଇଦେଶ ମଧ୍ୟରେ ସମ୍ମିଳିତ ଅଭିବୃଦ୍ଧି ଏବଂ ବିଶ୍ୱକଲ୍ୟାଣ ପାଇଁ ଅନୁକୂଳ ଏକ ନିରାପଦ ଏବଂ

ସୁରକ୍ଷିତ ସାମୁଦ୍ରିକ ପରିବେଶ ବଜାୟ ରଖିବା ସକାଶେ ଉଭୟପକ୍ଷ ଆଲୋଚନା କରିଥିଲେ । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା ପରିବେଶ, ସାମୁଦ୍ରିକ କ୍ଷେତ୍ର ସଚେତନତା, ମାନବିକ ସହାୟତା ଏବଂ ବିପର୍ଯ୍ୟୟ ପ୍ରଶମନ ସମନ୍ୱୟ ସମେତ ପାରସ୍ପରିକ ସ୍ୱାର୍ଥର ବିଭିନ୍ନ ଦିଗ ଉପରେ ମତ ବିନିମୟ ହୋଇଥିଲା । ଏଥିସହିତ ଅନୁସନ୍ଧାନ ଏବଂ ଉଦ୍ଧାରକାର୍ଯ୍ୟ, ପ୍ରଦୂଷଣ ପ୍ରତିକ୍ରିୟା, ନୀଳ ଅର୍ଥନୀତି ଏବଂ ବନ୍ଦର ରାଜ୍ୟ ନିୟନ୍ତ୍ରଣରେ ସହଯୋଗ ପ୍ରମୁଖ ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା ।

## ଇରାନ୍-ଭିପି ରିଜାଇନ୍

ଇରାନ୍ ଉପରାଷ୍ଟ୍ରପତି ମହମ୍ମଦ ଜବାଦ୍ ଜରିଫ୍ ନିଯୁକ୍ତି ପାଇବାର ମାତ୍ର ୧୧ ଦିନ ପରେ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ଜରିଆରେ ଶ୍ରୀ ଜରିଫ୍ ସୂଚନା ଦେଇଛନ୍ତି ଇରାନ୍‌ର ନୂଆ ସରକାରଙ୍କ ମନ୍ତ୍ରିମଣ୍ଡଳରେ ସଦସ୍ୟ ଚୟନ ନିମନ୍ତେ ଗଠିତ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରିବାକୁ ନେଇ ସେ ଅସନ୍ତୁଷ୍ଟ ଅଛନ୍ତି । ସେ କହିଛନ୍ତି ନୂଆ ମନ୍ତ୍ରିମଣ୍ଡଳକୁ ମନୋନୀତ ହୋଇଥିବା ୧୯ଜଣ ସଦସ୍ୟଙ୍କ ମଧ୍ୟରୁ ୭ଜଣଙ୍କୁ ସେ ପସନ୍ଦ କରନ୍ତି ନାହିଁ । ଶ୍ରୀ ଜରିଫ୍ କହିଛନ୍ତି ଇରାନ୍ ରାଷ୍ଟ୍ରପତିଙ୍କ ପ୍ରତି ତାଙ୍କର କୌଣସି ଅସୁୟାଭାବ ନାହିଁ କିନ୍ତୁ ଉପରାଷ୍ଟ୍ରପତି ଭାବରେ ସେ ତାଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନୁହଁନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ନିର୍ବାଚନ ସମୟରେ ସେ ରାଷ୍ଟ୍ରପତିଙ୍କୁ ନେଇ ଯେଉଁ ମନ୍ତବ୍ୟ ଦେଇଥିଲେ, ଏବେ ମଧ୍ୟ ସେ ସେହି ମନ୍ତବ୍ୟରେ କାଏମ ରହିଛନ୍ତି ।

## ଗଭ୍-ଫିସରି

ମତ୍ସ୍ୟଜୀବୀମାନଙ୍କ ବ୍ୟବସାୟ ଏବଂ ସେମାନଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ସରକାରଙ୍କ ପକ୍ଷରୁ ୧ଲକ୍ଷ ମାଛଧରା ସାମୁଦ୍ରିକ ଜାହାଜରେ ଟ୍ରାନ୍ସପଣ୍ଡର ଲଗାଯିବ । ନୂଆଦିଲ୍ଲୀଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମତ୍ସ୍ୟପାଳନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ କହିଛନ୍ତି ଯଦି କୌଣସି ମତ୍ସ୍ୟଜୀବୀ ନିର୍ଦ୍ଧାରିତ ସାମୁଦ୍ରିକ ସୀମା ଅତିକ୍ରମ କରିଯାଆନ୍ତି ସେ କ୍ଷେତ୍ରରେ ଟ୍ରାନ୍ସପଣ୍ଡର ତାଙ୍କୁ ସତର୍କ କରାଇଦେବ । ସେ କହିଛନ୍ତି ଦେଶର ଅର୍ଥ ବ୍ୟବସ୍ଥାରେ ମତ୍ସ୍ୟକ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ସେ କହିଛନ୍ତି ଭାରତ ମାଛ ସହିତ ବର୍ଷକୁ ୬୦ହଜାର କୋଟି ଟଙ୍କାର ସାମୁଦ୍ରିକ ଉତ୍ପାଦ ରପ୍ତାନୀ କରୁଛି । ଦେଶରେ ପ୍ରାୟ ୩କୋଟିରୁ ଅଧିକ ମତ୍ସ୍ୟଜୀବୀ ଏହି ବ୍ୟବସାୟ ସହିତ ଜଡିତ ଅଛନ୍ତି ।

## ବାଂଲାଦେଶ ଆଡଭାଇଜର

ବାଂଲାଦେଶର ବୈଦେଶିକ ବ୍ୟାପାର ପରାମର୍ଶଦାତା ମହମ୍ମଦ ତୌହିଦ ହୁସେନ କହିଛନ୍ତି ଦିଲ୍ଲୀରେ ଶେଖ୍ ହାସିନା ଯେତେଦିନ ରହିଲେ ମଧ୍ୟ ଉଭୟ ଦେଶ ମଧ୍ୟରେ ଥିବା ଦ୍ୱିପକ୍ଷୀୟ ସମ୍ପର୍କ ଉପରେ କୌଣସି ନକରାତ୍ମକ ପ୍ରଭାବ ପଡିବ ନାହିଁ । ସେ କହିଛନ୍ତି ଦ୍ୱିପକ୍ଷୀୟ ସମ୍ପର୍କ ଉଭୟ ଦେଶର ହିତ ଉପରେ ଆଧାରିତ । ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମାଙ୍କ ସହିତ ଶ୍ରୀ ହୁସେନ ଆଲୋଚନାକାଳରେ କହିଛନ୍ତି ବାଂଲାଦେଶ ସରକାର ସବୁ ସମୟରେ ଭାରତ ସହ ସୁ-ସମ୍ପର୍କ ରଖିବା ନିମନ୍ତେ ଉଦ୍ୟମ ଜାରି ରଖିବେ ।